### ମଲ୍‌ଟିପ୍ଲେକ୍ସ (Multiplex)

ଏହା ପ୍ରୟୋଗ କଲେ ପୋଖରୀରେ ମାଛର ପ୍ରାକୃତିକ ଖାଦ୍ୟ ବଢ଼ିଥାଏ । ଏହା ଗୋବର ବଦଳରେ ବ୍ୟବହାର କରାଯାଇପାରେ । ପ୍ଲାଙ୍କ୍ଟୋମିନ୍ ମଧ୍ୟ ମଲ୍‌ଟିପ୍ଲେକ୍ସ ପରି ବ୍ୟବହାର କରାଯାଇପାରେ । ୧ ଏକର ଜଳାୟତନରେ ୫ କେଜି ମଲ୍‌ଟିପ୍ଲେକ୍ସ/ପ୍ଲାଙ୍କ୍ଟୋମିନ୍ ବ୍ୟବହାର କରାଯାଏ । ଏହାପ୍ରତି ୩ ମାସରେ ଥରେ ବ୍ୟବହାର କରାଯାଇଥାଏ ।

### ସିଫାକ୍ସ (CIFAX)

ଏହା ଏକ ରୋଗ ପ୍ରତିରୋଧକ ଭାବେ କାମ କରେ । ଏହା ବ୍ୟବହାର କରିବା ଦ୍ୱାରା ପୋଖରୀ ପାଣି ପରିଷ୍କାର ରହେ ଏବଂ ରୋଗ ଜୀବାଣୁ ପୋଖରୀକୁ ନଷ୍ଟ କରିଦିଏ । ଏହାକୁ ଏକର ପିଛା ୪୦୦ ମି.ଲି ପ୍ରୟୋଗ କଲେ ପୋଖରୀ ପାଣିର ଗୁଣାତ୍ମକ ମାନ ବଢ଼ିବା ସହ ପାଣିର ପି.ଏଚ୍ ସଠିକ୍ ରହିଥାଏ ।

### ଚିଙ୍ଗୁଡ଼ି ଲୁଚିବା ପାଇଁ ଆଶ୍ରୟସ୍ଥଳୀ

ଚିଙ୍ଗୁଡ଼ି ଲୁଚିରହିବା ପାଇଁ ପୋଖରୀରେ କଣ୍ଟା ବାଉଁଶର ଅଗି, ତାଳ ବା ନଡ଼ିଆ ବାହାଙ୍ଗୀ ଗୁଡ଼ିକୁ ଗୋଛା ଆକାରରେ ବାନ୍ଧି ପିରାମିଡ୍ ଭଳି ପାଣିରେ ଠିଆ କରିବା ଉଚିତ୍ । ଏକ ଏକର ପୋଖରୀରେ ୧୦-୧୨ଟି ସ୍ଥାନରେ ଏଭଳି ଆଶ୍ରୟସ୍ଥଳୀ ରଖିବା ଉଚିତ୍ । ଏହାଛଡ଼ା ଛୋଟ ଛୋଟ ପ୍ଲାଷ୍ଟିକ୍ ନଳା ବା ମାଟିନଳା ତିନି/ଚାରି ଗୋଟିକୁ ବାନ୍ଧି ୩୦-୪୦ଟି ସ୍ଥାନରେ ରଖିବା ଆବଶ୍ୟକ । ପାଣିକୁଆ, ବଗ ପ୍ରଭୃତି ପକ୍ଷୀଙ୍କ ଠାରୁ ଚିଙ୍ଗୁଡ଼ିକୁ ରକ୍ଷା କରିବା ପାଇଁ କ୍ୟାସେଟ୍ ଟେପ୍ ବା ଫିତା ଗୁଡ଼ିକୁ ଖୋଲି ତାକୁ ଲମ୍ବ ଭାବରେ ପୋଖରୀ ଉପରେ ଟାଣି ଦେବା ଉଚିତ୍ । ଏଭଳି କଲେ ପବନରେ ସୃଷ୍ଟି ହେଉଥିବା ଶବ୍ଦରେ ପକ୍ଷୀମାନେ ଭୟରେ ଆସନ୍ତି ନାହିଁ ।

### ଅମଳ

ମାଛ ଅମଳ ପାଇଁ କିଛି ଅସୁବିଧା ନାହିଁ । ମାତ୍ର ଚିଙ୍ଗୁଡ଼ି ଅମଳ କରିବାକୁ ହେଲେ ପାଣି କମ୍ କରି ପଙ୍କକୁ ଲଗାଇ ମଶାରୀ ଜାଲକୁ ଘୋଷାଡ଼ି ଚିଙ୍ଗୁଡ଼ି ଧରିବା ଉଚିତ୍ ବା ପାଣି ନିଷ୍କାସନ କିମ୍ବା ସ୍ଲୁଇସ୍ ଗେଟ୍‌ର ସୁବିଧା ଥିଲେ ଏହାର ମୁହଁରେ ଶକ୍ତ ସରୁ ଜାଲ ମୁଣାକୁ ବାନ୍ଧି ଗେଟ୍ ଖୋଲିଲେ ଚିଙ୍ଗୁଡ଼ି ସବୁ ମୁଣାରେ ଧରାପଡ଼ିବେ ଏବଂ ଯାହା ରହିଯିବେ ତାକୁ ସହଜରେ ଧରି ଦେଇପାରିବେ ।

### ବାର୍ଷିକ ଆୟ ଓ ବ୍ୟୟ

ବ୍ୟୟ : ଏକର ପିଛା ମାଛ ସହ ଚିଙ୍ଗୁଡ଼ି ଚାଷ ପାଇଁ ଚୂନ, ଗୋବର, ସାର, ପିଡ଼ିଆ, ଧାନଗୁଣ୍ଡ, ଚିଙ୍ଗୁଡ଼ି ଖାଦ୍ୟ, ଜାଆଁଳ ଇତ୍ୟାଦି ଟ. ୭୦,୦୦୦/- ର ଆବଶ୍ୟକ ହୋଇଥାଏ ।

ଆୟ : ମାଛ ୧୦୦୦ କେଜି (୧ କେଜି ୧୦୦ଟଙ୍କା ହିସାବରେ)
= ଟ. ୧,୦୦,୦୦୦/-

ଚିଙ୍ଗୁଡ଼ି ୨୦୦ କେଜି (୧ କେଜି ୨୭୦ ଟଙ୍କା ହିସାବରେ)
= ଟ. ୫୪,୦୦୦/-

ମୋଟ୍ = ଟ. ୧,୫୪,୦୦୦/-

ଲାଭ : ଟ. ୧,୫୪,୦୦୦/- - ଟ. ୭୦,୦୦୦/-
= ଟ. ୮୪,୦୦୦/-

ସୁତରାଂ ମାଛ ସହ ଚିଙ୍ଗୁଡ଼ି ଚାଷ କଲେ ସାଧାରଣତଃ ମାଛ ଚାଷ ଅପେକ୍ଷା ୨ ଗୁଣ ଲାଭ ହୋଇଥାଏ । ତେଣୁ ସମସ୍ତ ମାଛ ଚାଷୀ ଏହି ପ୍ରକାରର ମିଶ୍ରିତ ଚାଷ ପାଇଁ ଆଗଭର ହେବା ଉଚିତ୍ ।





# ମାଛ ଓ ଚିଙ୍ଗୁଡ଼ିର ମିଶ୍ରିତ ଚାଷ




ଲେଖିକା

**କୁମାରୀ ରଶ୍ମି ପ୍ରଭା ମିଶ୍ର**

କାର୍ଯ୍ୟକ୍ରମ ସହାୟିକା (ମତ୍ସ୍ୟ ବିଜ୍ଞାନ)

ମୁଖ୍ୟ ସଂପାଦକ

**ଶ୍ରୀ ନିରଞ୍ଜନ ଦାସ**

କାର୍ଯ୍ୟକ୍ରମ ସଂଯୋଜକ



**କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୁଳ**

ଏକ ସୀମିତ ପରିବେଶରୁ ଅଧିକ ଆଦାୟ କରିବା ଯେକୌଣସି ଚାଷର ଅଭିମୁଖ୍ୟ । ଏହାକୁ ଅନୁଧ୍ୟାନ କରି ବର୍ତ୍ତମାନ ମାଛ ସହିତ ମଧୁର ପାଣି ଚିଙ୍ଗୁଡ଼ି ଚାଷ ମଧ୍ୟ କରାଯାଉଛି । ଏହାଦ୍ୱାରା ମାଛରୁ ଲାଭ ପାଇବା ସହ ଚାଷୀ ଚିଙ୍ଗୁଡ଼ିରୁ ମଧ୍ୟ ଲାଭ ପାଇଥାଏ । ଏହି ପ୍ରକାର ଚାଷ ପ୍ରଣାଳୀରେ ପରସ୍ପର ମଧ୍ୟରେ ଖାଦ୍ୟ ପାଇଁ ପ୍ରତିଯୋଗିତା ହୋଇନଥାଏ ଓ ପୋଖରୀର ସମସ୍ତ ପ୍ରାକୃତିକ ଖାଦ୍ୟର ବ୍ୟବହାର ହୋଇପାରେ । ଓଡ଼ିଶାରେ ବିଲ, ନଦୀ, ନାଳ ଇତ୍ୟାଦିରେ ବହୁତ ପ୍ରକାରର ମଧୁର ଚିଙ୍ଗୁଡ଼ି ଅଛନ୍ତି । ସେଥିମଧ୍ୟରୁ ଜାତିଆ ଓ ଅଧିକ ଅମଳକ୍ଷମ, ଲାଭଦାୟକ ମଧୁର ଚିଙ୍ଗୁଡ଼ି ହେଉଛନ୍ତି ୨ ପ୍ରକାରର- ମାକ୍ରୋବ୍ରାକିୟମ୍ ରୋଜେନ୍‌ବର୍ଗୀ ଓ ମାକ୍ରୋବ୍ରାକିୟମ୍ ମାଲ୍‌କମ୍‌ସୋନୀ । ଏହି ଦୁଇ ପ୍ରକାରର ଚିଙ୍ଗୁଡ଼ି ଶୀଘ୍ର ବଢ଼ନ୍ତି ଓ ଏହା ୭ ରୁ ୨୫ସେମି ତଥା ୪୦ ରୁ ୨୫୦ ଗ୍ରାମ୍ ପର୍ଯ୍ୟନ୍ତ ଓଜନ ହୋଇଥାନ୍ତି ।

## ଜାତିଆ ଚିଙ୍ଗୁଡ଼ି ଜାଆଁଳ କିପରି ଚିହ୍ନିବା ?

ଜାତିଆ ଚିଙ୍ଗୁଡ଼ି ଜାଆଁଳ ନଚିହ୍ନି ପୋଖରୀରେ ଛାଡ଼ିଲେ ଚାଷରୁ ଲାଭ ହେବା ବଦଳରେ କ୍ଷତିହୁଏ । ତେଣୁ ଚାଷ ପାଇଁ ଛାଡ଼ିବା ପୂର୍ବରୁ ଜାଆଁଳର ଲକ୍ଷଣ, ଆକାର, ଗଠନ ଜାଣିବା ଅତ୍ୟନ୍ତ ଆବଶ୍ୟକ । କେତେକ ମୁଖ୍ୟ ଲକ୍ଷଣ ଓ ପଦ୍ଧତି ନିମ୍ନରେ ଦିଆଗଲା । ଯଥା-

୧. ଜାତିଆ ଚିଙ୍ଗୁଡ଼ି ଜାଆଁଳର ଶରୀର ସ୍ୱଚ୍ଛ, ଲମ୍ବାଳିଆ ଓ ସରୁ । ଅଜାତିଆ ଚିଙ୍ଗୁଡ଼ି ଜାଆଁଳର ଶରୀର ବେଶି ଚଉଡ଼ା ହେବା ସହିତ ଛୋଟ ହୋଇଥାଏ ।

୨. ଜାତିଆ ଚିଙ୍ଗୁଡ଼ି ଜାଆଁଳ ଗୋଡ଼ ବଡ଼ ଓ ଶକ୍ତିଶାଳୀ ।

୩. ଏହି ଜାଆଁଳର ମୁଣ୍ଡ ଖୋଳପାର ଉଭୟ ପାର୍ଶ୍ୱରେ ଏକରୁ ତିନୋଟି କଳା ବା ଖଇରିଆ ରଙ୍ଗର ଅନୁପ୍ରସ୍ଥ ବିନ୍ଦୁ ରେଖାଳ ଥାଏ ।

୪. ଜାତିଆ ଜାଆଁଳମାନଙ୍କର ପେଟ ଖୋଳପା ମାନଙ୍କରେ ଉଭୟ ପାର୍ଶ୍ୱରେ ଧାଡ଼ିରେ ନିୟମିତ କଳା ବା ଖଇରିଆ ବିନ୍ଦୁ ଗୁଡ଼ିକ ଥାଏ ।

୫. ଗୋଟିଏ ଚଉଡ଼ା ପାତ୍ରରେ ରଖିଲେ ଜାତିଆ ଜାଆଁଳ ଗୁଡ଼ିକ ଶୀଘ୍ର ଗତି କରିପାରନ୍ତି ।

୬. ଜାତିଆ ଚିଙ୍ଗୁଡ଼ିର ମୁଣ୍ଡ କଣ୍ଟା, ଏହାର ମୁଣ୍ଡ ଖୋଳପା ଅପେକ୍ଷା ଛୋଟ ହୋଇଥାଏ ।

୭. ମୁଣ୍ଡ କଣ୍ଟାର ନିକଟତମ ଅଂଶର ବୁଡ଼ା ଉନ୍ନତ ଥାଏ ।

୮. କୌଣସି ଚଉଡ଼ା ପଥର ଉପରେ ରଖିଲେ ଜାତିଆ ଜାଆଁଳ ଗୁଡ଼ିକ ଅଜାତିଆ ଅପେକ୍ଷା ଶୀଘ୍ର ଚାରିଦିଗକୁ ଚାଲିବା ଆରମ୍ଭ କରିଦିଅନ୍ତି ।

୯. ଜାତିଆ ଚିଙ୍ଗୁଡ଼ି ଜାଆଁଳର ମୁଣ୍ଡ କଣ୍ଟାର ଉପର ଧାରରେ ୧୨ ରୁ ୧୬ ଦାନ୍ତି ଓ ତଳ ଧାରରେ ୬ ରୁ ୭ ଦାନ୍ତି ଥାଏ ।

## ଜାତିଆ ଚିଙ୍ଗୁଡ଼ି ଜାଆଁଳ ପାଇବା କେଉଁଠୁ ?

ଜାତିଆ ଚିଙ୍ଗୁଡ଼ି ମାକ୍ରୋବ୍ରାକିୟମ୍ ରୋଜେନ୍‌ବର୍ଗୀ ବର୍ତ୍ତମାନ କୌଶଲ୍ୟାଗଙ୍ଗ, ସିଆଇଏଫ୍ଏ (CIFA, Bhubaneswar) ପୁରୀ ଜିଲ୍ଲା ପିପିଲି ନିକଟସ୍ଥ ଗୁଡ଼ିଆ ପୋଖରୀରେ ଥିବା ୫ଟି ବେସରକାରୀ ହ୍ୟାଚେରୀ, ରାଜ୍ୟ ସରକାରଙ୍କ ମତ୍ସ୍ୟ ବିଭାଗ ତରଫରୁ ପୁରୀର ଚନ୍ଦ୍ରଭାଗାରେ, ବାଲେଶ୍ୱର ଜିଲ୍ଲାର ଚାନ୍ଦିପୁର ଠାରେ, ମୟୂରଭଞ୍ଜ ଜିଲ୍ଲାର ବୈଶିଙ୍ଗା ଠାରେ, ଖୋର୍ଦ୍ଧାର ସୋରଣ ଠାରେ, ଗଞ୍ଜାମ ଜିଲ୍ଲାର ଛତ୍ରପୁର ନିକଟସ୍ଥ ନୋଳିଆ ନୁଆଗାଁ ଠାରେ ଏବଂ ଭଦ୍ରକ ଜିଲ୍ଲାର ବେତଡ଼ା ଓ କପାଗାଡ଼ିଆ ଠାରେ ମିଳୁଅଛି । ସେପ୍ଟେମ୍ବର ମାସରୁ ଡିସେମ୍ବର ମାସ ମଧ୍ୟରେ ନଦୀରୁ ସଂଗୃହୀତ ମାଲ୍‌କମ୍ ସୋନୀ ଜାଆଁଳ ଦୟାନଦୀ (ବାଳକାଟି) ଓ ମହାନଦୀର ମୁଣ୍ଡଳୀ ଠାରେ ମିଳୁଛି । ନାଗାବଳୀ ନଦୀରୁ ମଧ୍ୟ ଏହି ଜାଆଁଳ ସଂଗ୍ରହ କରାଯାଇ ପାରୁଛି ।

## କେତେ ଜାଆଁଳ ଛାଡ଼ିବା ?

ମିଶ୍ରିତ ଚାଷରେ ଭାକୁର, ରୋହୀ, ସିଲ୍‌ଭର କାର୍ପ ଓ ଗ୍ରାସ୍‌କାର୍ପ ସହ ଚିଙ୍ଗୁଡ଼ି ଛାଡ଼ିବା ଉଚିତ୍ । ଚିଙ୍ଗୁଡ଼ି ଛାଡ଼ୁଥିବା ପୋଖରୀରେ ବିଲାତିରୋହୀ, ମିରିକାଳୀ ଓ କଳାବଇଁଶୀ ଛାଡ଼ିବା ଉଚିତ୍ ନୁହେଁ । ଏକ ଏକର ପୋଖରୀ ପ୍ରତି ଭାକୁର ୮୦୦, ରୋହୀ ୮୦୦, ଗ୍ରାସ୍‌କାର୍ପ ୨୦୦, ସିଲ୍‌ଭର କାର୍ପ ୨୦୦, ଚିଙ୍ଗୁଡ଼ି ୪୦୦୦ ଏହିପରି ମୋଟ୍ ୬୦୦୦ ଛାଡ଼ିବା ଆବଶ୍ୟକ ।

## ପୋଖରୀର ଚୟନ ଓ ପ୍ରସ୍ତୁତି

ସମସ୍ତ ମାଛଚାଷ ହେଉଥିବା ପୋଖରୀରେ ଏହା କରାଯାଇପାରିବ । କିନ୍ତୁ ବାଲିଆ ଓ ଦୋରସା ମାଟିଥିବା ଅଗଭୀର ପୋଖରୀରେ ଚିଙ୍ଗୁଡ଼ି ଭଲ ହେବ । ପୋଖରୀରେ ଅତିମାତ୍ରାରେ ଦଳ ରହିଲେ ଚିଙ୍ଗୁଡ଼ି ଭଲଭାବେ ବଢ଼ିପାରନ୍ତି ନାହିଁ । ତେଣୁ ଦଳ ସଫା ନିହାତି ଜରୁରୀ । ଖରାଦିନେ ଶୁଖିଯାଉଥିବା ପୋଖରୀରେ ଏହି ପ୍ରକାରର ଚାଷ ଭଲ ହୋଇପାରିବ । କାରଣ ଏଭଳି ପୋଖରୀରୁ ପୁରାପୁରି ଚିଙ୍ଗୁଡ଼ି ଅମଳ ହୋଇପାରିବ । ନେଳିଥିବା ପୋଖରୀରେ ସୂର୍ଯ୍ୟୋଦୟ ପୂର୍ବରୁ ଅମ୍ଳଜାନ ଅଭାବ ହୋଇଥାଏ । ତେଣୁ ଚିଙ୍ଗୁଡ଼ି ମରିଯାନ୍ତି । ସେଥିପାଇଁ ନେଳି ସଫା କରିବା ଆବଶ୍ୟକ । ଜାଆଁଳ ଛାଡ଼ିବା ପୂର୍ବରୁ ଜଳାଶ୍ରୟକୁ ଭଲଭାବରେ ସଫା କରି ଏକର ପିଛା ୨୦୦ କେଜି ଚୂନ ପ୍ରୟୋଗ କରିବା ଉଚିତ୍ ।

## ଜାଆଁଳ ଛାଡ଼ିବା ପରର ଯତ୍ନ

### ଖତସାରର ବ୍ୟବହାର

ଜାଆଁଳ ଛାଡ଼ିବାର ୧୫ ଦିନ ପରେ ଏକର ପିଛା ୧୦କେଜି ଚୂନ ପାଣିରେ ଗୋଳାଇ ପୋଖରୀ ପାଣିରେ ଚାରିଆଡ଼େ ଛିଞ୍ଚି ପକାଇବା ଉଚିତ୍ । ଚୂନ ପ୍ରୟୋଗ କରିବାର ୭ ରୁ ୧୦ ଦିନ ପରେ ଏକର ପିଛା ମାସିକ ୩୦୦ କେଜି କଞ୍ଚା ଗୋବର ପ୍ରୟୋଗ କରାଯାଏ । ଏହାଦ୍ୱାରା ପୋଖରୀରେ ପ୍ରାକୃତିକ ଖାଦ୍ୟ ପ୍ରସ୍ତୁତ ହୋଇଥାଏ । ଏହି ଖତ ଓ ସାର ଜାଆଁଳ ଛାଡ଼ିବା ଠାରୁ ପ୍ରତ୍ୟେକ ମାସରେ ୧୦ ମାସ ପର୍ଯ୍ୟନ୍ତ ବା ମାଛ ଧରିବା ପର୍ଯ୍ୟନ୍ତ ଦିଆଯାଏ ।

## କୃତ୍ରିମ ଖାଦ୍ୟ ପ୍ରୟୋଗ

ମାଛ ଜାଆଁଳ ଛାଡ଼ିବା ପରେ ନିମ୍ନଲିଖିତ ପରିମାଣ ଅନୁସାରେ ପ୍ରତିଦିନ କୃତ୍ରିମ ଖାଦ୍ୟ ପୋଖରୀରେ ପ୍ରୟୋଗ କରାଯିବା ଆବଶ୍ୟକ । ଏହା ମାଛ ବୃଦ୍ଧିରେ ସହାୟକ ହୋଇଥାଏ । ଏକ ଏକର ପୋଖରୀରେ କୃତ୍ରିମ ଖାଦ୍ୟ ପ୍ରୟୋଗର ବିଧି :-

| ସମୟ | ଦୈନିକ ପରିମାଣ (କେଜି) | | ଆବଶ୍ୟକୀୟ ପରିମାଣ (କେଜି) | |
|---|---|---|---|---|
| ଜାଆଁଳ ଛାଡ଼ିବା ପରେ | କାଣିଆ କୁଣ୍ଡା | ବାଦାମ ପିଡ଼ିଆ | କାଣିଆ କୁଣ୍ଡା | ବାଦାମ ପିଡ଼ିଆ |
| ୧ମ ଓ ୨ୟ ମାସ | ୦.୭୫ | ୦.୭୫ | ୪୫.୦ | ୪୫.୦ |
| ୩ୟ ଓ ୪ର୍ଥ ମାସ | ୧.୫୦ | ୧.୫୦ | ୯୦.୦ | ୯୦.୦ |
| ୫ମ ଓ ୬ଷ୍ଠ ମାସ | ୨.୨୫ | ୨.୨୫ | ୧୩୫.୦ | ୧୩୫.୦ |
| ୭ମ ଓ ୮ମ ମାସ | ୨.୫୦ | ୨.୫୦ | ୧୫୦.୦ | ୧୫୦.୦ |
| ମୋଟ୍ | | | ୬୦୦.୦ | ୬୦୦.୦ |

## ଖାଦ୍ୟ ଦେବାର ପ୍ରଣାଳୀ

ଉପରୋକ୍ତ ଖାଦ୍ୟକୁ ପ୍ରଥମେ ଆବଶ୍ୟକୀୟ ପରିମାଣ ମିଶାଇ ଅଳ୍ପ ପାଣିରେ ବତୁରେଇବା ଦରକାର । ତାପରେ ଏହାକୁ ଗୋଲାକାର ପିଣ୍ଡୁଳା କରି ଚଉଡ଼ା ମୁହଁ ଥିବା ମାଟି ପଲମ ବା ବାଉଁଶର ଡାଲିଆରେ ରଖି ପୋଖରୀ ପାଣି ଭିତରେ (ଅତି କମ୍‌ରେ ୨.୫ ରୁ ୩ ଫୁଟ୍ ଗଭୀର) ବୁଡ଼ାଇ ତିନି ବା ଚାରିଟି ନିର୍ଦ୍ଦିଷ୍ଟ ସ୍ଥାନରେ ରଖିବା ଉଚିତ୍ । ମାଛ ମାନଙ୍କର ଖାଇବା ଅନୁସାରେ ଏହାର ପରିମାଣକୁ କମ୍ ବେଶି କରାଯାଇପାରେ । ଏତଦ୍‌ବ୍ୟତୀତ ଏହି ଖାଦ୍ୟକୁ ପିଆଜ ଅଖାରେ ଭର୍ତ୍ତି କରି ପାଣି ଭିତରେ ଖୁଣ୍ଟ ପୋତି ଦୁଇ ବା ତିନି ଜାଗାରେ ମଧ୍ୟ ଝୁଲାଇ ରଖାଯାଇପାରେ ।

ଆଜିକାଲି ବିଭିନ୍ନ କମ୍ପାନୀ ଦ୍ୱାରା ପ୍ରସ୍ତୁତ ଦାନାଦାର ଖାଦ୍ୟ (Peletted Feed) ମଧ୍ୟ ବଜାରରେ ମିଳିଲାଣି ଯାହା ବ୍ୟବହାର କରାଯାଇପାରିବ । ଏଥିରେ ମାଛ ବୃଦ୍ଧି ପାଇଁ ଆବଶ୍ୟକ ହେଉଥିବା ସମସ୍ତ ପ୍ରକାର ଜୀବସାର, ଖାଦ୍ୟସାର ଓ ଧାତୁସାର ଇତ୍ୟାଦି ସନ୍ତୁଳିତ ଆକାରରେ ଥାଏ ।

## ପେଲେଟ୍ ଫିଡ୍‌ର ବ୍ୟବହାର

| ଚାଷ ସମୟ | ଦୈନିକ ମାତ୍ରା (କେଜି) | ଦ୍ୱିମାସିକ ଆବଶ୍ୟକତା (କେଜି) |
|---|---|---|
| ୧ମ ଓ ୨ୟ ମାସ | ୧.୧୨୫ | ୬୭.୫୦୦ |
| ୩ୟ ଓ ୪ର୍ଥ ମାସ | ୨.୨୫୦ | ୧୩୫.୦୦୦ |
| ୫ମ ଓ ୬ଷ୍ଠ ମାସ | ୩.୩୭୫ | ୨୦୨.୫୦୦ |
| ୭ମ ଓ ୮ମ ମାସ | ୩.୭୫୦ | ୨୨୫.୦୦୦ |
| ୯ମ ଓ ୧୦ମ ମାସ | ୪.୫୦୦ | ୨୭୦.୦୦୦ |
| ମୋଟ | | ୯୦୦.୦୦୦ |